# NATIONAL NEWS BULLETIN (ODIA)

## 11 August - 2025

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ସତ୍ତ୍ୱେ ଆଜି ସଂସଦରେ କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ ।

– ଆୟକର ବିଲ୍ ୨୦୨୫ ବାଚନିକ ଭୋଟ୍‌ରେ ଗୃହିତ ହେଲା ଲୋକସଭାରେ ।

- କୃଷକମାନଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ଅନେକ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି କେନ୍ଦ୍ର ସରକାର, କହିଲେ କୃଷିମନ୍ତ୍ରୀ ।
- ଯୋଗାଯୋଗ କ୍ଷେତ୍ରେରେ ଦକ୍ଷତା ବିକାଶ ସହିତ ଡିଜିଟାଲ୍ ଭାରତ ଦୃଷ୍ଟିକୋଣକୁ ସାକାର କରିବା ଲାଗି ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଛନ୍ତି ବିଭାଗୀୟ ମନ୍ତ୍ରୀ ।
- ଦେଶର ସୁରକ୍ଷା ଲାଗି ସମସ୍ତ ଆବଶ୍ୟକ ପଦକ୍ଷେପ ନେବା ଦିଗରେ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୂଚନା ।

ଏବଂ

- ମହାରାଷ୍ଟ୍ରରେ ସଡ଼କ ଦୁର୍ଘଟଣାରେ ୭ ମହିଳାଙ୍କ ମୃତ୍ୟୁ, ମୃତକଙ୍କ ପରିବାରବର୍ଗଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କଲେ ପ୍ରଧାନମନ୍ତ୍ରୀ ।

## ପାର୍ଲାମେଣ୍ଟ-ଆଡ଼ଜର୍ଣ୍ଣ

ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ଗୃହର କାର୍ଯ୍ୟ ଆଜି ଅନେକାଂଶରେ ବାଧାପ୍ରାପ୍ତ ହୋଇଥିଲେ ମଧ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ପାରିତ ହୋଇଛି । ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନ ଉପରେ ଆଲୋଚନା ଦାବୀ କରି ବିରୋଧୀ ଦଳ ଗୁଡ଼ିକ ପ୍ରବଳ ହଟ୍ଟଗୋଳ ଜାରି ରଖିଥିଲେ । ଲୋକସଭାକୁ ପର୍ଯ୍ୟାୟ କ୍ରମେ ଦୁଇଥର ମୁଲତବୀ ରଖାଯାଇଥିଲା । ଅପରାହ୍ଣ ୪ଟା ପରେ ଗୃହର ଅଧିବେଶନ ଆରମ୍ଭ ହେବା କ୍ଷଣି ଆୟକର ବିଲ୍ ସମେତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଧେୟକ ଗୃହରେ ପାରିତ ହୋଇଥିଲା । ଏହାପରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହ କାର୍ଯ୍ୟ ଚଳାଇବା ସମ୍ଭବ ନ ହେବାରୁ ଆଜି ପାଇଁ ମୁଲତବୀ ରଖାଯାଇଛି ।

ସେହିଭଳି ରାଜ୍ୟସଭାରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ବିଭିନ୍ନ ପର୍ଯ୍ୟାୟରେ ଗୃହକୁ ମୁଲତବୀ ରଖାଯାଇଥିଲା । ଅପରାହ୍ଣ ୩ଟା ସମୟରେ ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ମଣିପୁର ବଜେଟ୍ ୨୦୨୫-୨୬ ସମେତ

ଅନ୍ୟ କେତେକ ବିଧେୟକ ପାରିତ ହୋଇଥିଲା । ପରେ ଆଜି ଦିନକ ପାଇଁ ରାଜ୍ୟସଭାକୁ ମୁଲତବୀ ରଖାଯାଇଛି ।

ସଂସଦରେ ବିରୋଧୀ ଦଳଙ୍କର ଏଭଳି ଆଚରଣକୁ କେନ୍ଦ୍ର ମନ୍ତ୍ରୀ ପୀୟୂଷ ଗୋୟଲ ନାପସନ୍ଦ କରିଛନ୍ତି । ସଂସଦରେ ଜନସାଧାରଣଙ୍କ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉପରେ ଆଲୋଚନା ନ କରି ବିରୋଧୀ ଦଳଗୁଡ଼ିକ ଦିଶାହୀନ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି ।

**V/O-PIYUSH-GOYAL**

# ପାର୍ଲାମେଣ୍ଟ-ବିଲ୍

ଲୋକସଭାରେ ଆଜି କର ପ୍ରଦାନ ସଂଶୋଧନ ବିଧେୟକ ୨୦୨୫ ଏବଂ ଆୟକର ବିଲ୍ ୨୦୨୫ ବାଚନିକ ଭୋଟ୍‌ରେ ଗୃହିତ ହୋଇଛି । ବିହାରରେ କାର୍ଯ୍ୟକାରୀ କରାଯାଉଥିବା ସ୍ୱତନ୍ତ୍ର ଭୋଟର ସଂଶୋଧନ ପ୍ରକ୍ରିୟାକୁ ବିରୋଧ କରି ଗୃହରେ ବିରୋଧୀ ଦଳଙ୍କ ପକ୍ଷରୁ ପ୍ରବଳ ହଟ୍ଟଗୋଳ ଜାରି ରହିବା ସତ୍ତ୍ୱେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ବିଲ୍ ଗୁଡ଼ିକୁ ଆଗତ କରିଥିଲେ । ଆୟକର ବିଧେୟକ ୨୦୨୫ ମାଧ୍ୟମରେ ୬୩ ବର୍ଷ ପୁରୁଣା ଆୟକର ନିୟମରେ ସଂଶୋଧନ କରାଯିବା ସହ ଏହାକୁ ଅଧିକ ସରଳ ମଧ୍ୟ କରାଯାଇଛି । ଗତ ଫେବୃୟାରୀ ୧୩ ତାରିଖରେ

ଲୋକସଭାରେ ଏହି ବିଲ୍ ଆଗତ କରାଯାଇଥିଲା । ଏହାପରେ ସମ୍ପୃକ୍ତ ବିଲ୍‌ର ଯାଞ୍ଚ ପାଇଁ ବିଜେପି ସାଂସଦ ବୈଜନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା । ୩୧ ଜଣ ସଦସ୍ୟଙ୍କୁ ନେଇ ଗଠିତ କମିଟି ସର୍ବମୋଟ୍ ୨୮୫ଟି ପରାମର୍ଶ ସହିତ ଗତ ଜୁଲାଇ ୨୧ ତାରିଖରେ ରିପୋର୍ଟ୍ ଦାଖଲ କରିଥିଲା ।

ସେହିଭଳି ଆଜି ଲୋକସଭାରେ ଖଣି ଓ ଖଣିଜ ପଦାର୍ଥ ବିକାଶ ଓ ନିୟମ ସଂଶୋଧନ ବିଧେୟକ ୨୦୨୫ ମଧ୍ୟ ଆଗତ କରାଯାଇଛି । ଏହି ବିଧେୟକକୁ ଆଗତ କରି କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ କହିଛନ୍ତି, ଏହାଦ୍ୱାରା ବର୍ତ୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି ଖଣି ଓ ଖଣିଜ ପଦାର୍ଥ ବିକାଶ ଏବଂ ନିୟମ ସଂଶୋଧନ ଆଇନ୍ ୧୯୫୭ରେ ଅନେକ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇପାରିବ ।

ଏହାଛଡ଼ା ଆଜି ରାଜ୍ୟସଭାରେ ମଧ୍ୟ ମଣିପୁର ବଜେଟ୍ ୨୦୨୫-୨୬, ମଣିପୁର ଦ୍ରବ୍ୟ ଓ ସେବାକର ସଂଶୋଧନ ବିଧେୟକ ୨୦୨୫ ଏବଂ ଗୋଆରେ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନୁସୂଚିତ ଜନଜାତି ବର୍ଗର ପ୍ରତିନିଧିତ୍ୱ ସମ୍ପର୍କିତ ବିଧେୟକ ଭଳି ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ମଧ୍ୟ ପାରିତ ହୋଇଛି ।

# ଶିବରାଜ ସିଂହ ଚୌହାନ

ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଦେଶରେ ଶସ୍ୟବୀମା ଯୋଜନା କ୍ଷେତ୍ରରେ ବିବିଧ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ଆଜି ରାଜସ୍ଥାନର ଝୁନ୍‌ଝୁନ୍ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଅଧୀନରେ ଚାଷୀମାନଙ୍କୁ ବୀମା ରାଶି ପ୍ରଦାନ କରିବା ଅବସରରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହା କହିଛନ୍ତି । ସେ କହିଛନ୍ତି, ସରକାରଙ୍କ ଏଭଳି ସଂସ୍କାରମୂଳକ ପଦକ୍ଷେପ ଯୋଗୁଁ ଦେଶର ଯେକୌଣସି ଗ୍ରାମରେ ଶସ୍ୟ ଜନିତ କ୍ଷତି ହେଲେ ସମ୍ପୃକ୍ତ ଚାଷୀ ଏହାର ବୀମାରାଶି ପାଇବାରେ ସକ୍ଷମ ହୋଇପାରୁଛି ।

୨୦୧୬ ମସିହାରୁ ଆଜି ପର୍ଯ୍ୟନ୍ତ ଦେଶ ବ୍ୟାପି ଚାଷୀଙ୍କୁ ୨ ଲକ୍ଷ ୧୨ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଶସ୍ୟ ବୀମା ଆକାରରେ ପ୍ରଦାନ କରାଯାଇସାରିଛି ବୋଲି କୃଷି ମନ୍ତ୍ରୀ କହିଛନ୍ତି । ଶ୍ରୀ ଚୌହାନ କହିଛନ୍ତି, ଚାଷୀମାନଙ୍କ ଆୟ ବୃଦ୍ଧି କରି ସେମାନଙ୍କୁ ସମୃଦ୍ଧ କରିବା ଦିଗରେ କେନ୍ଦ୍ର ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । କୌଣସି ସ୍ଥିତିରେ ମଧ୍ୟ କୃଷକମାନଙ୍କ ସ୍ୱାର୍ଥହାନୀ ହେବାକୁ ଦିଆଯିବ ନାହିଁ ବୋଲି ଶ୍ରୀ ଚୌହାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

**V/O-SHIV-RAJ-SINGH**

ଶ୍ରୀ ଚୌହାନ ଆଜି ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ବ୍ୟବସ୍ଥା ମାଧ୍ୟମରେ ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ପ୍ରାୟ ୩ହଜାର ୯୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି । ସେଥିମଧ୍ୟରେ କେବଳ ରାଜସ୍ଥାନର ୯ ଲକ୍ଷ ୭୦ ହଜାର ଚାଷୀଙ୍କ ଆକାଉଣ୍ଟକୁ ୧ ହଜାର ୪୦୦ କୋଟି ଟଙ୍କା ଯାଇଛି ।

## ସିନ୍ଧିଆ-ଏମ୍ଓୟୁ

ଦେଶରେ ଯୋଗାଯୋଗ କ୍ଷେତ୍ରରେ ଦକ୍ଷତା ବିକାଶ ସହିତ ନବସୃଜନତା ଉପରେ ପ୍ରାଥମିକତା ଦେଇ ସରକାର କାର୍ଯ୍ୟ କରୁଛନ୍ତି ବୋଲି କେନ୍ଦ୍ର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ଭାରତ ସଞ୍ଚାର ନିଗମ ଲିମିଟେଡ୍ ବି.ଏସ୍.ଏନ୍.ଏଲ୍. ଏବଂ ୪ଟି ବିଶ୍ୱସ୍ତରୀୟ ଅଗ୍ରଣୀ ବୈଷୟିକ ଜ୍ଞାନ ସମ୍ପନ୍ନ କମ୍ପାନୀ ମଧ୍ୟରେ ହୋଇଥିବା ବୁଝାମଣାପତ୍ରକୁ ଉନ୍ମୋଚନ କରିବା ଅବସରରେ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି, ଡିଜିଟାଲ୍ ଭାରତ ଓ ଆତ୍ମ ନିର୍ଭର ଭାରତ ଦୃଷ୍ଟିକୋଣକୁ ସାକାର କରିବା ଉଦ୍ଦେଶ୍ୟରେ ସରକାର ଏଭଳି ପଦକ୍ଷେପ ନେଇଛନ୍ତି । ସ୍ୱାକ୍ଷରିତ ହୋଇଥିବା ଏହିସବୁ ବୁଝାମଣାପତ୍ର ସହିତ ସଂଶ୍ଳିଷ୍ଟ ମାନବସମ୍ବଳକୁ ଜବଲପୁର ସ୍ଥିତ ଡକ୍ଟର ବାବାସାହେବ

ଆମ୍ବେଦକର ଟେଲିକମ୍ ତାଲିମ୍ ପ୍ରତିଷ୍ଠାନରେ ପ୍ରଶିକ୍ଷଣ ଦିଆଯିବ ବୋଲି ଶ୍ରୀ ସିନ୍ଧିଆ କହିଛନ୍ତି ।

**V/O-SCINDA-BSNL**

# ଏମ୍ଇଏ-ପାକ୍

ପାକିସ୍ତାନ ସେନାଧ୍ୟକ୍ଷ ଆସିମ୍ ମୁନିର୍ଙ୍କର ପରମାଣୁ ଅସ୍ତ୍ର ପ୍ରୟୋଗ ଧମକକୁ ଭାରତ ତୀବ୍ର ନିନ୍ଦା କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ ମୁଖପାତ୍ର ରଣଧିର ଜୟସ୍ୱାଲ କହିଛନ୍ତି, ଦେଶର ସୁରକ୍ଷା ଲାଗି ସମସ୍ତ ଆବଶ୍ୟକ ପଦକ୍ଷେପ ନେବା ଦିଗରେ ସରକାର ନିରନ୍ତର ପ୍ରୟାସ ଜାରୀ ରଖିଛନ୍ତି । କୌଣସି ପ୍ରକାର ପରମାଣୁ ଅସ୍ତ୍ର ପ୍ରୟୋଗ ଜନିତ ଧମକ ନିକଟରେ କୌଣସି ସ୍ଥିତିରେ ମୁଣ୍ଡ ନୁଆଁଇବ ନାହିଁ ବୋଲି ଭାରତ ପୂର୍ବରୁ ସ୍ପଷ୍ଟ କରିସାରିଛି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଅଙ୍ଗଦାନ, ନୂତନ ଜୀବନ ଲାଗି ଅବଦାନ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ନୋଟୋର ଯୁଗ୍ମ ନିର୍ଦ୍ଦେଶକ

ସାଇନି ସୁମନ ପ୍ରଧାନ ଏବଂ ଭାରତୀୟ ଚକ୍ଷୁ ବ୍ୟାଙ୍କ୍ ସଂଘର ମହା-ସଚିବ ଡାକ୍ତର ରାଜେଶ ସିହ୍ନା ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

## ପୁନେ ଆକ୍ସିଡେଣ୍ଟ-ପିଏମ୍

ମହାରାଷ୍ଟ୍ରର ପୁନେ ଜିଲ୍ଲା ଅନ୍ତର୍ଗତ ଖେଦ୍ ତାଲୁକାରେ ଗୋଟିଏ ଜିପ୍ ୧୦୦ ଫୁଟ୍ ଗଭୀର ଏକ ଖାତ ମଧ୍ୟମକୁ ଖସି ପଡ଼ିବାରୁ ୭ ଜଣ ମହିଳାଙ୍କ ମୃତ୍ୟୁ ହେବା ସହିତ ଅନ୍ୟ ୩୧ ଜଣ ଗୁରୁତର ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଏହି ମହିଳା ଯାତ୍ରୀମାନେ କୁନ୍ଦେଶ୍ୱର ମନ୍ଦିର ଅଭିମୁଖେ ଯାଉଥିବା ସମୟରେ ଦୁର୍ଘଟଣା ଘଟିଛି । ଗୁରୁତରମାନଙ୍କୁ ସ୍ଥାନୀୟ ଚାନ୍ଦୋଲି ଗ୍ରାମାଞ୍ଚଳ ହସ୍ପିଟାଲ୍ ଓ ଏକ ଘରୋଇ ହସ୍ପିଟାଲ୍ ଚିକିତ୍ସା

ପାଇଁ ଭର୍ତ୍ତି କରାଯାଇଛି । ସେମାନଙ୍କ ମଧ୍ୟରୁ ଅନେକଙ୍କର ଅବସ୍ଥା ସଂକଟାପନ୍ନ ଥିବା ଜଣାଯାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁର୍ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ ମୃତକଙ୍କର ନିକଟତମ ଆତ୍ମୀୟଙ୍କ ଲାଗି ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ଏହାଛଡ଼ା ଆହତମାନଙ୍କର ଆଶୁଆରୋଗ୍ୟ କାମନା କରିବା ସହିତ ସେମାନଙ୍କ ଲାଗି ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି ।

## ଇଣ୍ଡିଆ-ଉଷୁ

ଚୀନ୍‌ର ଚେଙ୍ଗଡୁ ଠାରେ ଚାଲିଥିବା ବିଶ୍ୱ କ୍ରୀଡ଼ା ପ୍ରତିଯୋଗିତା ୨୦୨୫ର ମହିଳା ୫୨ କିଲୋଗ୍ରାମ ବର୍ଗରେ ଭାରତର ନମ୍ରତା ବାତ୍ରା ଫାଇନାଲ୍‌ରେ ପ୍ରବେଶ କରି ଇତିହାସ ରଚିଛନ୍ତି । ନମ୍ରତା ସେମିଫାଇନାଲ୍‌ରେ ଫିଲିପାଇନ୍ସର କ୍ରିଜାନ୍ ଫେଥ୍ କୋଲାଡୋଙ୍କୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଆସନ୍ତା ମଙ୍ଗଳବାର ଦିନ

ଫାଇନାଲ୍‌ରେ ଚୀନ୍‌ର ମେଙ୍ଗିୟୁ ଚେନ୍‌ଙ୍କ ସହିତ ତାଙ୍କର ମୁକାବିଲା ହେବ ।